ଭାରତୀୟ ଜନତା ପାର୍ଟି, ଓଡିଶା

କଂଗ୍ରେସ ନେତା ଅଭିଷେକ ମନୁ ସିଂଘାଇ ରାଫେଲକୁ ନେଇ ବୟାନ ରଖିବା ପ୍ରସଙ୍ଗରେ

# ପ୍ରତିରକ୍ଷା ବିଭାଗର ବିମାନ କିଣା ବିକା କରି ଚାନ୍ଦା ଆଦାୟ କରିବା କଂଗ୍ରେସର ଡିଏନଏରେ ରହିଛି : ବିଜେପି

- ➢ କଂଗ୍ରେସ ଦଳ ଦେଶର ଗଣତନ୍ତ୍ର ବିଦ୍ଧି ବ୍ୟବସ୍ଥା ଅବା ସମ୍ବିଧାନକୁ ବିଶ୍ୱାସ କରେ ନାହିଁ
- ➢ ମିଛ କଥାକୁ  ବଡ ପାଟିରେ ଅବା ବାରମ୍ବାର କହିବା ଦ୍ୱାରା ଘଟଣା ସତ ହୁଏ ନାହିଁ
- ➢ କଂଗ୍ରେସ ସରକାର ସମୟରେ ପୂର୍ବରୁ ଯେତେ ବିମାନ କିଣା ହୋଇଛି ସବୁଥିରେ ଦଲାଲ ମାନେ ମଧ୍ୟସ୍ଥତା କରିଛନ୍ତି
- ➢ ରାହୁଲ ଗାନ୍ଧୀ ଯାହା କହିବେ ତାହା କ'ଣ ସତ  ?
- ➢ ମନଗଢା କାହାଣୀ କହି ସାରାଦେଶର ଲୋକମାନଙ୍କୁ ଭ୍ରମିତ କରିଥିବାରୁ ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ

**ଭୁବନେଶ୍ୱର, ତା ୨୨/୧୨ :** କଂଗ୍ରେସ ଦଳ ଦେଶର ଗଣତନ୍ତ୍ର ବିଦ୍ଧିବ୍ୟବସ୍ଥା ଅବା ସମ୍ବିଧାନକୁ ବିଶ୍ୱାସ କରେ ନାହିଁ । ରାଫେଲ ଯୁଦ୍ଧ ବିମାନ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟ ରାୟ ଶୁଣାଇଲା ପରେ କଂଗ୍ରେସ ଏହି ପ୍ରସଙ୍ଗକୁ ପୁଣିଥରେ ଉଠାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କଂଗ୍ରେସ ଦଳ ମାନ୍ୟବର ସୁପ୍ରିମକୋର୍ଟକୁ ବିଶ୍ୱାସ କରେ ନାହିଁ କି ସମ୍ମାନ ଦିଏ ନାହିଁ । ସଂସଦ ଚାଲିବା ସମୟରେ କଂଗ୍ରେସ ଏହି ପ୍ରସଙ୍ଗ ଉପରେ ଆଲୋଚନା ନକରି ଦେଶବାସୀଙ୍କ ଆଗରେ ବାରମ୍ବାର ମିଛ କହିଚାଲିଛି । ମିଛ କଥାକୁ  ବଡ ପାଟିରେ ଅବା ବାରମ୍ବାର କହିବା ଦ୍ୱାରା ଘଟଣା ସତ ହୁଏ ନାହିଁ ବୋଲି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି ନିନ୍ଦା କରିଛନ୍ତି ।

କଂଗ୍ରେସ ସରକାର ସମୟରେ ପୂର୍ବରୁ ଯେତେ ବିମାନ କିଣା ହୋଇଛି ସବୁଥିରେ ଦଲାଲ ମାନେ ମଧ୍ୟସ୍ଥତା କରି ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ପ୍ରତିରକ୍ଷା ବିଭାଗର ବିମାନ କିଣା ବିକା ମାଧ୍ୟମରେ ଚାନ୍ଦା ଆଦାୟ କରିବା କଂଗ୍ରେସର ଡିଏନଏରେ ରହିଛି । ପୂର୍ବରୁ ଅଗଷ୍ଟା ହେଲିକପ୍ଟର ଓ ବୋଫର୍ସ ସ୍କାମରୁ ଏହା ପ୍ରମାଣିତ ହୋଇଛି । ରାହୁଲ ଗାନ୍ଧୀ ଯାହା କହିବେ ତାହା କ'ଣ ସତ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ଦେଶର ସାମରିକ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଏଭଳି ମନଗଢା କାହାଣୀ କହି ସାରାଦେଶର ଲୋକମାନଙ୍କୁ ଭ୍ରମିତ କରିଥିବାରୁ ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**